# Akashvani, Sambalpur

## SAMBALPURI NEWS EVENING BULLETIN

## 1.4.2025- 7.02 pm- 7.12 pm.

*********************************************

୧- ସାରା ରାଏଜେ ଉଷ୍ନାକି ଥି ପାଳନ୍ କରାଯାଇଛେ ଓଡ଼ିଶା ଦିବସ୍ । ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନାଲେ ପ୍ରଧାନମନ୍ତ୍ରୀ ।

୨- ରାଏଜେ ଆଉ ଦୁଇ ହପ୍ତା ଭିତ୍ରେ ଲାଗୁ ହେବା ଆୟୁଷ୍ମାନ୍ ଭାରତ୍ ସ୍ୱାସ୍ଥ୍ୟ ବୀମା ଯୋଜ୍ନା-ଘୋଷଣା କଲେ ମୁଖ୍ୟମନ୍ତ୍ରୀ ।

୩- ପାଳିତ୍ ହେଲା ପୁଲିସ୍ ପ୍ରତିଷ୍ଠା ଦିବସ୍ ।

ସମାଜ୍ର ଦୁର୍ବଲ୍, ମହିଲା ଆଉ ଛୁଆମାନକୁ ସେବା ଯୁଗାବା ପୁଲିସର ପ୍ରାଥମିକ୍ କର୍ତବ୍ୟ ଆଏ- କହେଲେ ପୁଲିସ ମହାନିର୍ଦ୍ଦେଶକ ।

ଆଉର୍

୪- ରାଏଜେ ଆଏଜ୍ଠାନୁ ମୁଲ୍ ହେଲା ପୋଷଣ ଅଭିଯାନ୍ ।

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ୍-      I&PR

ସାରା ରାଏଜେ ଆଏଜ୍ ବଡ଼ା ଉଷ୍ନାକିଥି ଓଡ଼ିଶା ଦିବସ୍ ପାଳନ୍ କରାଯାଇଛେ । ୧୯୩୬ ମସିହା ଏପ୍ରିଲ ମାସର ଆଝିରର୍ ଦିନେ ଓଡ଼ିଶା ଭାଷା ଭିତିକ୍ ରାଜ୍ୟ ଭାବେ ପୁନର୍ଗଠିତ୍ ହେଇଥିଲା । ସବୁ ଓଡ଼ିଆ ମାନଙ୍କର ଲାଗି ଆଏଜ୍ ଗର୍ବ ଆଉ ଗୌରବ୍‌ର ଦିନ ଆଏ । ପୁର୍‌ଥିର ୨୦ଟା ସମୃଦ୍ଧ, ସଭ୍ୟ ଆଉ ସୃଜନ୍‌ଶୀଲ୍ ଭାଷା ଭିତ୍‌ରୁ ଓଡ଼ିଆ ଭାଷାର୍ ଗୁଟେ ଖାସ୍ ପରିଚୟ ରହିଛେ । ଓଡ଼ଆ ଭାଷା ତାର୍ କଳା, ସଂସ୍କୃତି, ଐତିହ୍ୟ ଆଉ ଭାସ୍କର୍ଯ୍ୟଥି ଭର୍‌ପୁର ଇତିହାସ୍‌କେ ନେଇକରି ସାରା ପୁର୍‌ଥିନ ନାଁ କରିଛେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ୍ କର୍‌ବାର୍‌ଥି ଉତ୍କଳ ଗୌରବ ମଧୁସୂଦନ ଦାସ ଆଉ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଠାନୁ ମୁଲ୍ କରି କରି ସ୍ୱଭାବ କବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟଙ୍କର ତକ୍ ମହାନ୍ ବ୍ୟକ୍ତିତ୍ୱ ମାନଙ୍କର ଓଡ଼ିଆ ଭାଷା, ସାହିତ୍ୟ ସହେତେ ଗୁଟେ ଖାସ୍ ରାଜ୍ୟ ଗଠନ୍‌ଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ୧୯୫୪ ମସିହାଥି ଭାଷା ଆଇନ୍ ସଂଶୋଧିତ୍ ହେଇକରି ଓଡ଼ିଆ ଭାଷା ସରକାରୀ ଭାଷାର୍ ମାଏନ୍‌ତା ପାଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଦିବସ ଅବ୍‌ସରେ ରାଜ୍ୟ ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଓଡ଼ିଶାର୍ ଇତିହାସ୍,

ସାହିତ୍ୟ ଆଉ ସଙ୍ଗୀତ୍‌କେ ନେଇକରି ଦେଶ୍ ଗର୍ବିତ୍ ଆଏ ବଲି ପ୍ରଧାନମନ୍ତ୍ରୀ କହିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ପ୍ରଧାନମନ୍ତ୍ରୀ କହିଛନ୍, ଇ ଦିବସ୍ ଓଡ଼ିଶାର୍ ସମୃଦ୍ଧ ସଂସ୍କୃତି ଲାଗି ଗୁଟେ ଉପଯୁକ୍ତ ସମ୍ମାନ ଆଏ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଉ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମ୍ ଜରିଏ ଓଡ଼ିଶାର୍ ଭାଏବୁହେନ୍ ଆଉ ପୁର୍‌ଥିର୍ ଚାର୍‌ହି କୁତିନ ଓଡ଼ିଆ ସଂସ୍କୃତି ଆଉ ଐତିହ୍ୟର୍ ପ୍ରଚାର୍ ପ୍ରସାର୍ କରୁଥିବା ଓଡ଼ିଆମାନଙ୍କୁ ଓଡ଼ିଶା ଦିବସ୍‌ର ଶୁଭ୍‌କାମନା ଜନେଇଛନ୍ ।

କଟକ ଜିଲ୍ଲା ସତ୍ୟଭାମାପୁର ମଧୁସୂଦନ ଦାସଙ୍କର ଜନମ୍ ପୀଠନ ଆଏଜ୍ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ୍ ସମାରୋହ ହେଇଯାଇଛେ । କାର୍ଯ୍ୟକ୍ରମଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଆଏଜ୍ ହଉଛେ ଓଡ଼ିଆ ଅସ୍ମିତାର୍ ଦିନ୍ ବଲି କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମଧୁସୂଦନ ଦାସଙ୍କର ଜନ୍ମପୀଠ ସମନ୍ୱିତ୍ ବିକାଶ ପ୍ରକଳ୍ପର୍ ନିହି ପକେଇଛନ୍ । ସେନ୍ତା ନୂଆଦିଲ୍ଲୀ ସହେତେ ଦେଶର୍ ଭିନ୍ ଭିନ୍ ସହରେ ଆଏଜ୍ ଓଡ଼ିଶା ଦିବସ୍ ପାଳିତ୍ ହେଇଯାଇଛେ ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

ସମ୍ବଲପୁର/ସୁବର୍ଣ୍ଣପୁର/ବୌଦ୍ଧ/ଦେବଗଡ଼ ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ପ୍ରେକ୍ଷାଳୟଠାନେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ, ମହାନଗର ନିଗମ ଆୟୁକ୍ତ ପ୍ରମୁଖ ଯୋଗ୍ ଦେଇକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ୍ ଦିଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ବରପୁତ୍ର ମାନଙ୍କୁ ସୁର୍‌ତା କରିଥିଲେ ।

ସୁବର୍ଣ୍ଣପୁରଠାନେ ଆଏଜ୍ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ୍ ଆଉ ଜିଲ୍ଲା ପ୍ରତିଷ୍ଠା ଦିବସ୍ ପାଳିତ୍ ହେଇଯାଇଛେ । ଜିଲ୍ଲାପାଳ ଅନ୍ୟା ଦାସ କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଓଡ଼ିଶା ପ୍ରଦେଶ୍ ଗଠନ୍‌ଥି ବର୍କସ୍ ଭୂମିକା ନେଇଥିବା ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ଜିଲ୍ଲାର ବିକାଶ ବାଦ୍‌ଦେ ଆଲୋଚନା କରିଥିଲେ । ସେନ୍ତା ବୌଦ୍ଧ ଜିଲ୍ଲା ଟାଉନ୍ ହଲ୍‌ଠାନେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ମହାପୁରୁଷ୍‌ମାନଙ୍କର ପ୍ରତିମୂର୍ତିନ ମାଲ୍ୟାର୍ପଣ କରିଥିଲେ । ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାନେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ୍ ପାଳନ ଅବ୍‌ସରେ ଗୁଟେ ସାଧାରଣ ସଭା ହେଇଯାଇଛେ । କାର୍ଯ୍ୟକ୍ରମଥି ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବସରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ୍ କରାଯାଇଛେ ।

ଓଡ଼ିଶା ପକ୍ଷ          ଆର୍‌ଏନ୍‌ୟୁ/ କଟକ

ରାଏଜେ ଆଏଜ୍ ଓଡ଼ିଶା ଦିବସ୍ ପାଳନ୍ ସହେତେ ଓଡ଼ିଆ ପକ୍ଷ ପାଳନ୍ ମୁଲ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ବାର୍ତା ଦେଇକରି କହିଛନ୍, ଇ ପକ୍ଷର୍ ଫି ମୁହୁର୍ତେ ଓଡ଼ିଆମାନଙ୍କର୍ ଲାଗି ସ୍ୱାଭିମାନ୍, ସଂସ୍କୃତି, ପରମ୍ପରା ଆଉ ଅସ୍ମିତାକେ ନେଇକରି ପ୍ରେରଣାର୍ ସମିଆ ହଉ । ଓଡ଼ିଆ ପରବ୍ ହଉଛେ ଆମର୍ ଭାଷା, ସାହିତ୍ୟ, ଖାନ୍‌ପାନ୍, ଫିନ୍ଧନ୍ ଉଢ଼ନ୍, ନାଚ୍‌ଗୀତ୍ ଆଉ ସଂସ୍କୃତିର୍ ଉଛବ୍ । ୧୯୩୬ ମସିଆ ବେଲ୍‌କେ ଖଁଣ୍ ଖଁଣ୍ ହେଇକରି ଥିବା ଓଡ଼ିଶାକେ ଏକ୍‌ଜୁଟ୍ କର୍‌ବାର୍ ଲାଗି ଯେନ୍ ମହାପୁରୁଷ୍‌ମାନେ ତ୍ୟାଗ୍ ଆର୍ ବଳିଦାନ୍ ଦେଇଥିଲେ ସେମାନଙ୍କୁ ସୁର୍‌ତା କର୍‌ବାର୍ ଆଉ ସମ୍ମାନ୍ ଦେବାର୍ ଆମର୍ ନୈତିକ୍ ଦାୟିତ୍ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଓଡ଼ିଆ ଭାଷା ଆଉ ସଂସ୍କୃତିକେ ନିତିଦିନିଆ ଜୀବନ୍‌ର ଅଂଶ କରି କରି ସ୍ୱାଭିମାନୀ ଓଡ଼ିଶା ଗଠନ୍ ଲାଗି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

ଓଡ଼ିଆ ପକ୍ଷର ଦୁଇ ନମ୍ବର ଦିନେ ଆଏବାକାଏଲ୍ ସାରା ରାଏଜେ ବିଦ୍ୟାଳୟମାନ୍‌କେ ଖଡ଼ିଛୁଆଁ ଆଉ ପ୍ରବେଶ୍ ଉଛବ୍ ପାଳନ୍ କରାଯିବା ।

ମୁଖ୍ୟମନ୍ତ୍ରୀ ଆୟୁଷ୍ମାନ୍ ଯୋଜ୍ନା          କଟକ ଡେସ୍କ

ଆୟୁଷ୍ମାନ୍ ଭାରତ୍ ସ୍ୱାସ୍ଥ୍ୟ ବୀମା ଯୋଜ୍ନା ଆଏବା ଦୁଇ ହପ୍ତା ଭିତ୍ରେ ରାଏଜେ ଲାଗୁ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଘୋଷଣା କରିଛନ୍ । ଉତ୍କଳ ଗୌରବ ମଧୁସୂଦନ୍ ଦାସଙ୍କର ଜନ୍ମ ପୀଠ କଟକ ସତ୍ୟଭାମାପୁରଠାନେ ହେଇଥିବା ରାଜ୍ୟସ୍ତରୀୟ ଓଡ଼ିଶା ଦିବସ୍ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ଆୟୁଷ୍ମାନ୍ ଭାରତ୍ ସ୍ୱାସ୍ଥ୍ୟ ବୀମା ଯୋଜ୍ନା ଲାଗୁ ହେଲେ ରାଏଜର୍ ପାଖାପାଖି ୩ କୋଟି ୫୨ ଲାଖ୍ ଲୋକ୍ ଲାଭ୍ ପାଏବେ ।

(ଭଏସ୍ ଓଭର୍---------ମୁଖ୍ୟମନ୍ତ୍ରୀ)

ପୁଲିସ୍ ପ୍ରତିଷ୍ଠା ଦିବସ୍          I&PR/          ସମ୍ବଲପୁର, ସୁବର୍ଣ୍ଣପୁର, କଳାହାଣ୍ଡି ସମ୍ବାଦଦାତା

ସମାଜ୍‌ର ଦୁର୍ବଲ୍, ଅବହେଲିତ୍, ମହିଳା ଆର୍ ଶିଶୁମାନଙ୍କୁ ଉଚିତ୍ ସେବା ଯୁଗାବା ପୁଲିସ୍‌ର ପ୍ରାଥମିକ୍ କର୍ତବ୍ୟ ଆଏ ବଲି ଓଡ଼ିଶା ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ କହିଛନ୍ । କଟକ୍ ବକ୍ସିବଜାର୍ ପୁଲିସ୍ ପଡ଼ିଆଠାନେ ଓଡ଼ିଶା

ପୁଲିସ୍‌ର ୯୦ ନମ୍ବର ପ୍ରତିଷ୍ଠା ଦିବସ୍ ସମାରୋହଥି ଶ୍ରୀ ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇଟା କହିଛନ୍ । ପ୍ରବାସୀ ଭାରତୀୟ ଦିବସ୍, ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ୍ ବେଲ୍‌କେ ଶାନ୍ତିଶୃଙ୍ଖଳା ବଜାୟ ରଖ୍‌ବାର୍, ରାଏଜେ ମାଓ ଦମନ୍ ଅଭିଯାନ୍ ବାବ୍‌ଦେ ଆରକ୍ଷୀ ମହାନିର୍ଦ୍ଦେଶକ୍ ପୁଲିସ ବାହିନୀର ପ୍ରଶଂସା କରିଛନ୍ । ଇ ଅବସରେ ଶ୍ରୀ ଖୁରାନିଆ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରି କରି ଉଲ୍ଲେଖନୀୟୟ ପୁଲିସ ସେବା ଲାଗି ବିଭାଗର୍ ଅଧିକାରୀ ଆଉ କର୍ମଚାରୀମାନଙ୍କୁ ପୁରସ୍କୃତ୍ କରିଛନ୍ ।

ସମ୍ବଲପୁରଠାନେ ପୁଲିସ ପ୍ରତିଷ୍ଠା ଦିବସ୍ ପାଲନ୍ ଉଛବ୍‌ଥି ଉତରାଂଚଲ ଆଇଜି ହିମାଂଶୁ ଲାଲ ଯୋଗ୍ ଦେଇକରି ପୁଲିସ୍ ସେବାଥି ଉତ୍କୃଷ୍ଟ କାମ୍ କରିଥିବା ଅଧିକାରୀ ଆଉ କର୍ମଚାରୀମାନଙ୍କୁ ସମ୍ମାନୀତ୍ କରିଛନ୍ ।

କଳାହାଣ୍ଡିଠାନେ ହେଇଥିବା ପୁଲିସ ପ୍ରତିଷ୍ଠା ଦିବସ୍ କାର୍ଯ୍ୟକ୍ରମ୍‌ଥି ଆରକ୍ଷୀ ଅଧିକ୍ଷକ୍ ନାଗରାଜ ଦେବ୍ରକୋଣ୍ଡା ଯୋଗ୍ ଦେଇକରି ମିଳିତ୍ ପରେଡ୍‌ର ଅଭିଭାଦନ୍ ଗ୍ରହଣ କରିଥିଲେ ।

ସୁବର୍ଣ୍ଣପୁର ଜିଲ୍ଲା ରିଜର୍ଭ ପୁଲିସ ପଡ଼ିଆଠାନେ ହେଇଥିବା ପୁଲିସ ପ୍ରତିଷ୍ଠା ଦିବସ୍ ସମାରୋହଥି ଆର୍‌କ୍ଷୀ ଅଧିକ୍ଷକ୍ ରାମ ପ୍ରସାଦ୍ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ପରେଡ୍ ଅଭିବାଦନ୍ ଗ୍ରହଣ କର୍‌ବାର୍ ସହେତେ ପୁଲିସ ବିଭାଗ୍‌ଥି

ସଫଲ୍‌ତାର୍ ସହେତେ କାମ୍ କରିଥିବା ୫ ଜନ୍ କର୍ମଚାରୀଙ୍କୁ ପୁରସ୍କୃତ୍ କରିଥିଲେ ।

ବୌଦ୍ଧ ଜିଲ୍ଲା ପୁଲିସ ଆଉ ୫ ନମ୍ବର ଆଇ-ଆର୍-ବି ବାଟାଲିୟନ୍ ତରଫ୍‌ରୁ ପୁଲିସ ପ୍ରତିଷ୍ଠା ଦିବସ୍ ପାଳିତ୍ ହେଇଯାଇଛେ । ଆରକ୍ଷୀ ଅଧିକ୍ଷକ ରାହୁଲ ଗୋୟଲ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ମିଳିତ୍ ପରେଡ୍‌ର ଅଭିବାଦନ୍ ଗ୍ରହଣ କରିଥିଲେ ।

ଦେବଗଡ଼ ଜିଲ୍ଲା ରିଜର୍ଭ ପୁଲିସ ପଡ଼ିଆଠାନେ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମଥି ଆର୍‌କ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଭଲ୍ ପ୍ରଦର୍ଶନ୍ କରିଥିବା ବିଭାଗର ଅଧିକାରୀ ଆଉ କର୍ମଚାରୀମାନଙ୍କୁ ପୁରସ୍କୃତ୍ କରିଥିଲେ ।

ପୋଷଣ ଅଭିଯାନ- ନବରଙ୍ଗପୁର ସମ୍ବାଦଦାତା

ରାଏଜେ ଆଏଜ୍‌ଠାନୁ ପୋଷଣ ଅଭିଯାନ୍ ମୁଲ୍ ହେଇଛେ । ୯ ଆଉ ୧୦ କ୍ଲାସ୍ ଛାତ୍ରଛାତ୍ରୀମାନଙ୍କୁ ଭିଲ୍ ଆଏଜ୍‌ଠାନୁ ମଧ୍ୟାହ୍ନ ଭୋଜନ୍ ଯୋଜ୍‌ନାଥି ସାମିଲ୍ କରାଯାଇଛେ । ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଉମରକୋଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଆଉ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟନ

କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଛନ୍ । ବିଦ୍ୟାଳୟମାନ୍‌କେ ପଢୁଥିବା ଛୁଆମାନ୍‌ଙ୍କୁ ପୋଷଣ ଭର୍‌ପୁର ମଡ଼ିଆ ଲଡ୍ଡୁ ଦେବାର୍ ମୁଲ୍ କରାଯାଇଛେ । ହପ୍ତାକ ୩ ଦିନ୍ ଇ ପୋଷଣ ଲଡ୍ଡୁ ଦିଆଯିବା । ଇତାର୍ ସହେତେ ପୋଷଣ ଯୁକ୍ତ ଖାଦ୍ୟ ହିସାବେ ହପ୍ତାକ ଆଉ ୩ଟା ଲେଖା ଅଣ୍ଡା ଭିଲ୍ ମଧ୍ୟାହ୍ନ ଭୋଜନ୍‌ଥି ଦିଆଯିବା ।

ମାରାଗୁଡ଼ା ମହୋତ୍ସବ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ସହରେ ଜିଲ୍ଲା ପ୍ରତିଷ୍ଠା ଦିବସ୍ ଆଉ ମାରାଗୁଡ଼ା ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଇ ଅବ୍‌ସରେ ଆଏଜ୍ ସହରେ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ହେଇଥିଲା । ଶୋଭାଯାତ୍ରାଥି ଜିଲ୍ଲାପାଳ ମଧୁସୂଦନ ଦାସ, ଆରକ୍ଷୀ ଅଧିକ୍ଷକ ଜି.ଆର୍. ରାଘବେନ୍ଦ୍ର, ଆଘର ସାଂସଦ୍ ବସନ୍ତ କୁମାରଙ୍କର ସହେତେ ବହୁତ୍ ସିଆନ୍ ସୁଜନ୍ ଯୋଗ୍ ଦେଇଥିଲେ ।

ପାନୀୟ ଜଲ୍ ବିଭାଗ୍‌ର ସମୀକ୍ଷା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍କିଟ୍ ହାଉସ୍‌ଠାନେ ଆଏଜ୍ ପଂଚାୟତିରାଜ ଆଉ ପାନୀୟ ଜଲ ବିଭାଗର୍ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ୍

ଜ୍ୟୋତିପ୍ରକାଶ ଦାସ ଜିଲ୍ଲାନ ଚାଲିଥିବା ବିଭାଗର୍ ଉନ୍ନୟନ କାମ୍‌ର ସମୀକ୍ଷା କରିଛନ୍ । ସମୀକ୍ଷା ବୈଠକ୍‌ଥି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କର ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପାଣିପାଗ- ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ବୌଦ୍ଧ ସହେତେ ୧୦ଟା ଜିଲ୍ଲାନ ଘଡ଼ଘଡ଼ି ସଙ୍ଗେ ସାମାଏନ୍ ବର୍ଷା ଆର୍ ୩୦ନୁ ୪୦ କିଲୋମିଟର ବେଗେ ପବନ୍ ବୁହିପାରେ ବଲି  ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ନି ଜାରି କରାଯାଇଛେ । ଆଏବା ୫ ଦିନ୍ ତକ୍ ତାତିଥି କେହେନ୍‌ସି ପରିବର୍ତନ ନାଇ ହୁଏ । ଆଏଜ୍ ରାଏଜର ପାଖାପାଖି ସବୁ ସହର୍‌ନୁ ତାତି ୪୦ ଡିଗ୍ରୀ ତଲେ ରହିଥିଲା ।